# ବିଶ୍ୱ ମହାମାରୀ ମଧ୍ୟରେ ଗ୍ରାମୀଣ ଭାରତରେ ଜୀବନ ନିର୍ବାହର ସେବା ଯୋଗାଉଛନ୍ତି ବ୍ୟାଙ୍କ ସଖୀ

**ଭୁବନେଶ୍ୱର(ପିଏନ):** ଭାରତ ଓ ନେପାଳରେ ଶେଷ ଦୂରତା ପର୍ଯ୍ୟନ୍ତର ଆର୍ଥିକ ଅନ୍ତର୍ଭୁକ୍ତୀକରଣ ସେବା ସଂଚାଳିତ। ଅଗ୍ରଣୀ ଡିଜିଟାଲ୍ ପେମେଂଟ୍ ଓ ବିତରଣ ବ୍ୟବସ୍ଥାର ଅଗ୍ରଣୀ ଫିନଟେକ୍ କଂପାନି ଏଫ୍.ଆଇ.ଏ ଗ୍ଲୋବାଲ୍ ଏହି ଲକ୍‌ଡାଉନ୍ ସମୟରେ ଗ୍ରାମାଂଚଳରେ ଆବଶ୍ୟକ ଆର୍ଥିକ ସେବା ପହଂଚାଉଛି। ବ୍ୟାଙ୍କ ମିତ୍ର ଓ ବ୍ୟାଙ୍କ ସଖିମାନଙ୍କ ସହଯୋଗରେ ଏହି କଂପାନି ଗ୍ରାମବାସୀଙ୍କ ପାଖରେ ପହଂଚିବାକୁ ଉଦ୍ୟମ କରି କୋଭିଡ୍-୧୯ ବିଶ୍ୱ ମହାମାରୀ କାରଣରୁ ସୃଷ୍ଟି ହୋଇଥିବା ସଙ୍କଟରେ ସେମାନଙ୍କୁ ସହାୟତା ପ୍ରଦାନ କରୁଛି।

କେନ୍ଦ୍ର ଓ ରାଜ୍ୟ ସରାକାରଙ୍କ ତରଫରୁ ଚାଷୀ, ପିଏମ୍‌ଜେଡିଡ୍ୱାଇ ଖାତାଧାରୀ ଏବଂ ଗରିବ ଲୋକମାନଙ୍କ ପାଇଁ ବିନିମୂ ରିଲିଫ୍ ପ୍ୟାକେଜ୍ ଘୋଷଣା କରାଯାଇଛି, ବିଭିନ୍ନ ସେହି ଟଙ୍କାକୁ ଭାରତର ଅତ୍ୟନ୍ତ ଦୂର୍ଗମ ଗ୍ରାମାଚଂଳ ଜିଲ୍ଲାରେ ସାହାଯ୍ୟ ଦରକାର କରୁଥିବା ହିତାଧିକାରୀଙ୍କ ପାଖରେ ପହଂଚାଇବାର ଦାୟିତ୍ୱ ବିଜନେସ୍ କରେସ୍‌ପଣ୍ଡେନ୍‌ଟ୍‌ଙ୍କ (ବ୍ୟାଙ୍କ ମିତ୍ର/ ବ୍ୟାଙ୍କ ସଖି) ଉପରେ ନ୍ୟସ୍ତ କରାଯାଇଛି। ବିଜନେସ୍ କରେସ୍‌ପଣ୍ଡେନ୍‌ଟମାନେ ହେଉଛନ୍ତି ଖୁଚୁରା ଏଜେଂଟ ଯେଉଁମାନେ ବ୍ୟାଙ୍କ ଦ୍ୱାରା ନିୟୋଜିତ ହୋଇଥାନ୍ତି ଏବଂ ବ୍ୟାଙ୍କ ଶାଖା ନଥିବା ସ୍ଥାନରେ ସେବା ପହଂଚାଇଥାନ୍ତି।

ପ୍ରାୟ ୩୪୦୦ ବ୍ୟାଙ୍କ ସଖି ଟଙ୍କା ଦରକାର କରୁଥିବା ବିଭିନ୍ନ ଗ୍ରାମର ଲୋକମାନଙ୍କ ଦୁଆର ମୁହଁରେ ପହଂଚି

ସେବା ପ୍ରଦାନ କରୁଛନ୍ତି। କାର୍ଗିଲ ଠାରୁ ଆରମ୍ଭ କରି କନ୍ୟାକୁମାରୀ ପର୍ଯ୍ୟନ୍ତ ଏହି ବ୍ୟାଙ୍କ ମିତ୍ର ଓ ବ୍ୟାଙ୍କ ସଖିମାନେ ସାନିଟାଇଜର, ସାବୁନ, ଫେସ୍ ମାସ୍କ ଏବଂ ଏଇଜିଏ ଷ୍ଟୋଲ୍ ଦ୍ୱାରା ନିଜ ମୁହଁକୁ ଢାଙ୍କି ସାମାଜିକ ଦୂରତ୍ୱକୁ ନିଶ୍ଚିତ କରୁଛନ୍ତି। ଯଥାର୍ଥ ଆଚରଣ କରିବା ବେଳେ ବ୍ୟାଙ୍କ ସଖିମାନେ ଏହି ବିଶ୍ୱ ମହାମାରୀ ବିରୋଧ ଲଢ଼େଇରେ ସାମାଜିକ ଦୂରତ୍ୱ କାହିଁକି ଗୁରୁତ୍ୱପୂର୍ଣ ସେ ବିଷୟରେ ଲୋକମାନଙ୍କୁ ସଚେତନ କରୁଛନ୍ତି।

ଶ୍ରୀଯୁକ୍ତ ଦୀପାୟନ ଚୌଧୁରୀ, ମୁଖ୍ୟ ବିକ୍ରି ଅଧିକାରୀ, ଏଫ୍‌ଆଇଏ ଗ୍ଲୋବାଲ୍ କହିଛନ୍ତି ଯେ, "ଏଭଳି ଏକ ସମୟରେ ଭାରତୀୟମାନେ ଏକତ୍ରୀତ ହୋଇ ସୁସ୍ଥକର ପରିବେଶ ବଜାୟ ରଖିବା ପାଇଁ ପରସ୍ପରକୁ ସାହାଯ୍ୟ କରିବା ଦରକାର। ଏହି ବିଶ୍ୱ ମହାମାରୀ ମହାମାରୀ ସମୟରେ ଲୋକମାନଙ୍କୁ ନିଜ ପରିସର ବଜାୟ ରଖିବାକୁ ହେବ ଏବଂ ନାଗରିକମାନଙ୍କ ଦୈନିକ ଆବଶ୍ୟକତା ପୂରଣ କରୁଥିବା ଲୋକମାନଙ୍କ ପାଇଁ ଅସୁବିଧା ସୃଷ୍ଟି କରିବା ଅନୁଚିତ। ଆମେ ଏଫ୍‌ଆଇଏ ଗ୍ଲୋବାଲ୍‌ରେ ବ୍ୟାଙ୍କ ସଖିମାନଙ୍କ ସହ ମିଶି ଏହି ଜରୁରୀକାଳୀନ ସ୍ଥିତିରେ ଆମ ଗ୍ରାହକମାନଙ୍କୁ ସେବା ପହଂଚାଇବାକୁ ପ୍ରତିବଦ୍ଧ। ଏଶେରେ ସେବା ପ୍ରଦାନ କରୁଥିବା ସମସ୍ତଙ୍କୁ ଆମର ସହୃଦୟତାର ସହ ଶୁଭକାମନା।''ଓଡ଼ିଶାର ନୟାଗଡ଼ରେ ବ୍ୟାଙ୍କ ସଖି ଭାବେ କାର୍ଯ୍ୟ କରୁଥିବା ବିକ୍ରୟ ଲକ୍ଷ୍ମୀ ରାଉତ କହିଛନ୍ତି ଯେ, "ପ୍ରତି ମାସରେ ନୟାଗଡ଼ ଜିଲ୍ଲାର ୩ ଗ୍ରାମରେ ମୁଁ ପ୍ରାୟ ୬୦୦ ବାର୍ଦ୍ଧକ୍ୟ ଭତା ଏବଂ ଏନ୍‌ଆରଇକିଏସ୍ ବିତରଣ କରୁଛି। ମୁଁ ଏକ ଟଂଟାର ମଧ୍ୟାହ୍ନ ଭୋଜନ ବିତରି ନେଇ ସକାଳ ୯ଟାରୁ ସନ୍ଧ୍ୟା ୬ଟା ପର୍ଯ୍ୟନ୍ତ କାର୍ଯ୍ୟ କରୁଛି। ମୁଁ ଏବେ ଲୋକମାନଙ୍କ ଘରେ ପହଂଚି ମହିଳା ପିଏମ୍‌ଜେଡିଡ୍ୱାଇ ଖାତାରେ ଆସିଥିବା ୫୦୦ ଟଙ୍କା ଲେଖାଏଁ ବିତରଣ କରୁଛି। ଓଡ଼ିଶା ସରକାରଙ୍କ ବାର୍ଦ୍ଧକ୍ୟ ଭତା ବିତରଣ କରିବା ଲାଗି ଏଠାରେ ମୁଁ ଘାଁ ପରିକ୍ରମଣ କରୁଛି।''

ସେ ପୁଣି କହିଛନ୍ତି ଯେ, "ମୁଁ ବର୍ତମାନର ସ୍ଥିତି ବିଷୟରେ ଅବଗତ, ମୁଁ ଟଙ୍କା ବିତରଣ ବେଳେ ସର୍ବଦା ସାମାଜିକ ଦୂରତ୍ୱ ବଜାୟ ରଖିବାର ନିର୍ଦେଶ ପାଳନ କରୁଛି। ବ୍ୟାଙ୍କ ଦେଇଥିବା ହାଣ୍ଡ ଗ୍ଲବ୍ସ ଓ ସାନିଟାଇଜରକୁ ମୁଁ ନିୟମିତ ଭାବେ ବ୍ୟବହାର କରୁଛି।'